# NATIONAL NEWS BULLETIN (ODIA)

**16 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆରମ୍ଭ ହେଲା ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ୨୦୨୬

– ଭାରତକୁ ବିଶ୍ୱ ଏ.ଆଇ. ସହଯୋଗରେ ଏକ ପ୍ରମୁଖ ଅଂଶୀଦାର ଭାବରେ ପ୍ରତିପାଦିତ କରିବ, କହିଲେ ବିଶ୍ୱର ପ୍ରମୁଖ ନେତା

- ଧାରା ୩୭୦ ଉଚ୍ଛେଦ ହେବା ପରେ କାଶ୍ମୀର, ଉତ୍ତରପୂର୍ବ ଓ ମାଓପ୍ରଭାବିତ ଅଞ୍ଚଳରେ ହ୍ରାସ ପାଇଛି ୮୦ ପ୍ରତିଶତ ହିଂସା, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ରାଜସ୍ଥାନର ଏକ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟି ୭ ଜଣ ମୃତ, ଉଦ୍ଧାର କାର୍ଯ୍ୟ ଜାରି

ଏବଂ

- ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ପ୍ରଥମ ମ୍ୟାଚ୍ ଆଫଗାନିସ୍ତାନ ଏବଂ ୟୁଏଇ ମଧ୍ୟରେ ଜାରି

## ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମିଟ୍

ନୂଆଦିଲ୍ଲୀରେ ଭାରତ-କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ୨୦୨୬ ଆରମ୍ଭ ହୋଇଛି । ଏହି ପାଞ୍ଚ ଦିନିଆ ସମ୍ମିଳନୀ ହେଉଛି ଗ୍ଲୋବାଲ୍

ସାଉଥ୍‌ରେ ଆୟୋଜିତ ପ୍ରଥମ ବିଶ୍ୱ ଗ୍ଲୋବାଲ୍ ଏ.ଆଇ. ସମ୍ମିଳନୀ। ଏହି ସମ୍ମିଳନୀ ବିଶ୍ୱ ଏ.ଆଇ. ଦୃଷ୍ଟିକୋଣକୁ ଆକାର ଦେବା ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ ଭାରତର ଭୂମିକାକୁ ସୁଦୃଢ଼ କରିବ। ଏହା ଭାରତକୁ ବିଶ୍ୱ ଏ.ଆଇ. ସହଯୋଗରେ ଏକ ସଂଯୋଜକ ଏବଂ ଅଂଶୀଦାର ଭାବରେ ମଧ୍ୟ ପ୍ରତିପାଦିତ କରିବ । ଏହି ସମ୍ମିଳନୀରେ ଶହେରୁ ଅଧିକ ଦେଶକୁ ନିମନ୍ତ୍ରଣ କରାଯାଇଛି ଏବଂ ଦୁଇ ଲକ୍ଷରୁ ଅଧିକ ଲୋକ ଅନଲାଇନରେ ପଞ୍ଜୀକରଣ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନେକ ବିଶ୍ୱନେତା ଯୋଗଦେବେ । ସେମାନଙ୍କ ମଧ୍ୟରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସୟୋ ଲୁଲା ଦା ସିଲଭା, ସ୍ପେନର ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍, ସ୍ୱିଜରଲ୍ୟାଣ୍ଡର ରାଷ୍ଟ୍ରପତି ଗାଏ ପାର୍ମେଲିନ୍, ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଡିକ୍ ସ୍କୋଫ୍, ୟୁଏଇର ଆବୁଧାବିର ୟୁବରାଜ ଶେଖ ଖାଲେଦ ବିନ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍, ମରିସସ୍ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମ୍, ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକ, ସେସେଲ୍ସର ଉପରାଷ୍ଟ୍ରପତି ସେବାଷ୍ଟିଏନ୍ ପିଲେ ଏବଂ ଭୁଟାନ ପ୍ରଧାନମନ୍ତ୍ରୀ ଶେରିଂ ଟୋବଗେ ଅଛନ୍ତି।

ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ବୋଲିଭିଆ, କ୍ରୋଏସିଆ, ଏଷ୍ଟୋନିଆ, ଫିନଲ୍ୟାଣ୍ଡ, ଗ୍ରୀସ୍, ଗୟାନା, କାଜାଖସ୍ତାନ, ଲିଚେନଷ୍ଟାଇନ୍, ସର୍ବିଆ ଏବଂ ସ୍ଲୋଭାକିଆରୁ ନେତାମାନେ ମଧ୍ୟ ସମ୍ମିଳନୀରେ ଅଂଶଗ୍ରହଣ କରିବେ । ସମ୍ମିଳନୀରେ ୪୫ରୁ ଅଧିକ ଦେଶର ମନ୍ତ୍ରୀସ୍ତରୀୟ ପ୍ରତିନିଧିମଣ୍ଡଳୀ ଅଂଶଗ୍ରହଣ କରିବେ। ଜାତିସଂଘ ମହାସଚିବ ଏବଂ

ଅନେକ ଅନ୍ତର୍ଜାତୀୟ ସଂଗଠନର ବରିଷ୍ଠ ଅଧିକାରୀମାନେ ମଧ୍ୟ ଆଲୋଚନାରେ ଭାଗ ନେବେ ।

ଭାରତ-ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ ତିନୋଟି ସ୍ତମ୍ଭ ଦ୍ୱାରା ପରିଚାଳିତ । ସେଗୁଡ଼ିକ ହେଉଛି - ଜନସାଧାରଣ, ବିଶ୍ୱ ଏବଂ ପ୍ରଗତି । ଶିଖର ସମ୍ମିଳନୀରେ ୭ଟି ପ୍ରମୁଖ ବିଷୟ- ମାନବ ପୁଞ୍ଜି, ସାମାଜିକ ସଶକ୍ତିକରଣ ପାଇଁ ଅନ୍ତର୍ଭୁକ୍ତି, ନିରାପଦ ଏବଂ ବିଶ୍ୱସ୍ତ ଏ.ଆଇ., ବିଜ୍ଞାନ, ସ୍ଥିରତା, ନବସୃଜନ ଏବଂ ଦକ୍ଷତା, ଏ.ଆଇ. ସମ୍ବଳକୁ ଗଣତାନ୍ତ୍ରିକ କରିବା ଏବଂ ଆର୍ଥିକ ବିକାଶ ଓ ସାମାଜିକ ମଙ୍ଗଳ ପାଇଁ ଏ.ଆଇ.ର ବ୍ୟବହାର ସଂପର୍କରେ ଆଲୋଚନା କରାଯିବ ।

---

# ଏଆଇ-ରିଆକ୍ସନ

ଭାରତ କୃତ୍ରିମବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ରେ ଯୋଗଦେବା ଲାଗି ବିଶ୍ୱର କୋଣଅନୁକୋଣରୁ ଲୋକମାନେ ଭାରତ ଆସୁଥିବାରୁ ଏହା ଅତ୍ୟନ୍ତ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହି ସମ୍ମିଳନୀରେ ଯୋଗ ଦେଉଥିବା ବିଶ୍ୱ ନେତୃବୃନ୍ଦ, ଶିଳ୍ପ ନେତୃତ୍ୱ ନବସୃଜନକାରୀ, ନୀତି ନିର୍ଦ୍ଧାରକ ଓ ଗବେଷକମାନଙ୍କୁ ସ୍ୱାଗତ ଜଣାଇଛନ୍ତି । ସେ କହିଛନ୍ତି ଏହି ସମ୍ମିଳନୀ ପ୍ରମାଣ କରୁଛି ଯେ ଦେଶରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ରୁତଗତିରେ ବିକାଶ ଘଟୁଛି ଏବଂ ଏହା ବିଶ୍ୱ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ବହନ କରୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସମ୍ମିଳନୀର ବିଷୟ ରହିଛି **ସର୍ବଜନ ହିତାୟ-**

**ସର୍ବଜନ ସୁଖାୟ ।** ଅର୍ଥାତ୍ ସମସ୍ତଙ୍କ ହିତ ଦୃଷ୍ଟିରୁ ଓ ସମସ୍ତଙ୍କ ଖୁସି ପାଇଁ ।

ଏ.ଆଇ. ସମ୍ମିଳନୀରେ ଯୋଗଦେଇ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଅନନ୍ତ ନାଗେଶ୍ୱରନ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତାକୁ ଗ୍ରହଣ କରି ଶିକ୍ଷା ସଂସ୍କାର ମାଧ୍ୟମରେ ବହୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିବ ।

ସେ କହିଛନ୍ତି, ଏହା ମାଧ୍ୟମରେ ଭାରତ ସାରା ବିଶ୍ୱକୁ ଦିଗ୍‌ଦର୍ଶନ ଦେଇପାରିବ । ଶ୍ରୀ ନାଗେଶ୍ୱରନ୍ କହିଛନ୍ତି, ପରିବର୍ତ୍ତନ କେବେ ଆକସ୍ମିକ ଭାବେ ଘଟିବ ନାହିଁ, ବରଂ ଏଥିଲାଗି ରାଜନୈତିକ ଇଚ୍ଛାଶକ୍ତି, ସାମର୍ଥ୍ୟ ଓ ପ୍ରତିବଦ୍ଧତା ମଧ୍ୟରେ ସମ-ମନୋଭାବ ସୃଷ୍ଟି କରିବାକୁ ପଡ଼ିବ ।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ଗ୍ଲୋବାଲ୍ ସାଉଥ୍‌ରେ ପ୍ରଥମ ଏ.ଆଇ. ସମ୍ମିଳନୀ ଆୟୋଜନ ପାଇଁ ଭାରତ ପ୍ରକୃଷ୍ଟ ସ୍ଥାନ । ଆଜିଠାରୁ ଆରମ୍ଭ ହେଉଥିବା କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ସଂପର୍କରେ ସେ କହିଛନ୍ତି, ଏହା କେବଳ କିଛି କ୍ଷମତାଶାଳୀ ଦେଶର କାର୍ଯ୍ୟରେ ଲାଗିବା ଅପେକ୍ଷା ସାରା ବିଶ୍ୱକୁ ତା'ର ଲାଭ ପ୍ରଦାନ କରିବା ଆବଶ୍ୟକ ।

ବ୍ରିଟେନ୍ ସରକାରଙ୍କ ପକ୍ଷରୁ ମଧ୍ୟ ନୂଆଦିଲ୍ଲୀରେ ହେଉଥିବା ଏ.ଆଇ. ସମ୍ମିଳନୀକୁ ପ୍ରଶଂସା କରାଯାଇଛି । ଆଗାମୀ ଦିନରେ ଏ.ଆଇ. ବ୍ୟବହାର କରି ଭାରତ ପ୍ରଶାସନିକ କ୍ଷେତ୍ରରେ ବିକାଶ କରିବା ସହ ସାଧାରଣ ଲୋକଙ୍କୁ ଲାଭ ଯୋଗାଇଦେବା ଏବଂ ନିଯୁକ୍ତି କ୍ଷେତ୍ରରେ ନୂତନ ଦିଗ ଉନ୍ମୁକ୍ତ କରିବ ।

# ଦିଲ୍ଲୀ ଏୟାରପୋର୍ଟ

ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆରମ୍ଭ ହୋଇଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ସମୟରେ ସୁବିଧାଜନକ ଯାତ୍ରା ପାଇଁ ଦିଲ୍ଲୀ ବିମାନବନ୍ଦର ଯାତ୍ରୀମାନଙ୍କୁ ମେଟ୍ରୋ ବ୍ୟବହାର କରିବାକୁ ପରାମର୍ଶ ଦେଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦିଲ୍ଲୀ ବିମାନବନ୍ଦର ସମ୍ଭାବ୍ୟ ଭିଡ଼ ଏବଂ ବିମାନବନ୍ଦରକୁ ଆସିବା ଏବଂ ଯିବାରେ ବିଳମ୍ବ ବିଷୟରେ ଯାତ୍ରୀମାନଙ୍କୁ ସୂଚନା ଦେଇଛି । ଯାତ୍ରୀମାନଙ୍କୁ ଆଗୁଆ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି ।

---

# ଶାହା-ଦିଲ୍ଲୀ ପୋଲିସ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି, ଧାରା ୩୭୦ ଉଚ୍ଛେଦ ପରେ କାଶ୍ମୀର, ଉତ୍ତର-ପୂର୍ବ ଏବଂ ମାଓ ପ୍ରଭାବିତ ଅଞ୍ଚଳରେ ହିଂସା ୮୦ ପ୍ରତିଶତ ହ୍ରାସ ପାଇଛି ।

**V/O (Shah- 370)**

ସେ କହିଛନ୍ତି,ସେହି ଅଞ୍ଚଳଗୁଡ଼ିକ ଖୁବ୍ ଶୀଘ୍ର ସଂପୂର୍ଣ୍ଣ ହିଂସା ମୁକ୍ତ ହେବ । ଆଜି ଦିଲ୍ଲୀ ପୋଲିସର ଅଣାଅଶୀତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶ୍ରୀ ଶାହା କହିଛନ୍ତି, ୧୧ଟି ରାଜ୍ୟରେ ବ୍ୟାପିଥିବା ମାଓ ଆତଙ୍କବାଦ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଛି ।

**V/O (Shah- Naxal)**

ଶ୍ରୀ ଶାହ କହିଛନ୍ତି, ଜାତୀୟ ରାଜଧାନୀରେ ପୋଲିସ୍ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଆଜି ଦିଲ୍ଲୀ ପୋଲିସ ସ୍ୱତନ୍ତ୍ର ସେଲ୍ ମୁଖ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେ କହିଛନ୍ତି, ଏହା ସାରା ଦେଶରେ ପୋଲିସ ବିଭାଗ ପାଇଁ ଏକ ଆଦର୍ଶ ସ୍ପେଶାଲ୍ ସେଲ୍ ମୁଖ୍ୟାଳୟ ଭାବରେ ଉଭା ହେବ।

ଶ୍ରୀ ଶାହା କହିଛନ୍ତି, ଦିଲ୍ଲୀ ପୋଲିସର ସ୍ପେଶାଲ୍ ସେଲ୍ ଦେଶବ୍ୟାପୀ ଅନେକ ବଡ଼ ଆତଙ୍କବାଦୀ ଘଟଣାର ତଦନ୍ତ କରିବା ସହିତ ନିଶାଦ୍ରବ୍ୟ କାରବାର, ନକଲି ଭାରତୀୟ ମୁଦ୍ରା ରାକେଟ ଏବଂ ସାଇବର ଅପରାଧ ମାମଲାର ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମନ୍ତ୍ରୀ କହିଛନ୍ତି, ଗତ ଏଗାର ବର୍ଷ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ତିନୋଟି ନୂତନ ଅପରାଧିକ ଆଇନ ପ୍ରଚଳନ ସମେତ ଅନେକ ମାଇଲଖୁଣ୍ଟ ହାସଲ କରାଯାଇଛି।

ଏହି ଅବସରରେ, ଦିଲ୍ଲୀ ପୋଲିସ କମିଶନର ସତୀଶ ଗୋଲଚା କହିଛନ୍ତି ଯେ ନିଶା ମୁକ୍ତ ଭାରତ ଅଭିଯାନ ଅଧୀନରେ, ଦିଲ୍ଲୀ ପୋଲିସ ଗତ ବର୍ଷ ଛଅ ହଜାର କିଲୋଗ୍ରାମରୁ ଅଧିକ ନିଶାଦ୍ରବ୍ୟ ଜବତ କରିଛି।

**V/O (Shatish Glucha)**

ସେ କହିଛନ୍ତି, ଦିଲ୍ଲୀ ପୋଲିସର ସ୍ପେଶାଲ୍ ସେଲ୍, କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ବିଦେଶରୁ କାର୍ଯ୍ୟ କରୁଥିବା ୩୨ ଜଣ ପଳାତକ ଅପରାଧୀଙ୍କ ତାଲିକା ଉପରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛି।

..........................................................................

# ପିଏମ୍-ଫ୍ରେଞ୍ଚ୍ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମୁମ୍ବାଇରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ଭେଟିବେ। ଏହି ସାକ୍ଷାତ ସମୟରେ ଦୁଇ ନେତା ଭାରତ-ଫ୍ରାନ୍ସ ରଣନୈତିକ ସହଭାଗୀତାରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିବେ ଏବଂ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗ ଉପରେ  ମତ ବିନିମୟ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମାକ୍ରନ ଏ.ଆଇ. ପ୍ରଭାବ ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତାକାଲିଠାରୁ ତିନି ଦିନିଆ ଭାରତ ଗସ୍ତରେ ଆସିବେ। ଏହା ରାଷ୍ଟ୍ରପତି ମାକ୍ରନଙ୍କର ଚତୁର୍ଥ ଭାରତ ଗସ୍ତ ଏବଂ ମୁମ୍ବାଇକୁ ତାଙ୍କର ପ୍ରଥମ ଗସ୍ତ ହେବ। ଆସନ୍ତାକାଲି ସନ୍ଧ୍ୟାରେ ଉଭୟ ନେତା ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ୨୦୨୬ ଉଦଘାଟନ କରିବେ ।

---

# ରାଜସ୍ଥାନ-ଫ୍ୟାକ୍ଟ୍ରି ଫାୟାର

ରାଜସ୍ଥାନ ଅଲୱର ଜିଲ୍ଲା ଅନ୍ତର୍ଗତ ତାପୁକାରା ଅଞ୍ଚଳରେ ଏକ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିବା ଯୋଗୁଁ ୭ ଜଣଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ପୋଲିସ୍ ଓ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଫ୍ୟାକ୍ଟ୍ରି ମଧ୍ୟରେ ଅଧିକ ଲୋକ ଫଶି ରହିଥିବା ସନ୍ଦେହ କରାଯାଉଛି । କୁରୁକ୍ଷେତ୍ର ଶିଳ୍ପାଞ୍ଚଳରେ ଥିବା ଏହି କାର୍ଡବୋର୍ଡ ଫ୍ୟାକ୍ଟ୍ରିରେ ଆଜି ସକାଳ ସମୟରେ ବିସ୍ଫୋରଣ ହେବା ସହ ଅଗ୍ନିକାଣ୍ଡ ଘଟିଥିଲା ।

---

# ୟୁକ୍ରେନ୍-ମିନିଷ୍ଟର ଡିଟେନ୍

ୟୁକ୍ରେନର ପୂର୍ବତନ ଶକ୍ତି ମନ୍ତ୍ରୀ ଜର୍ମାନ ଗାଲୁଶଚେଙ୍କୋ ଦେଶ ଛାଡି ବାହାରକୁ ଯିବାକୁ ଚେଷ୍ଟା କରୁଥିବା ସମୟରେ  ତାଙ୍କୁ ଅଟକ

ରଖାଯାଇଛି । ୟୁକ୍ରେନର ଜାତୀୟ ଦୁର୍ନୀତି ନିବାରଣ ବ୍ୟୁରୋ ସୂଚନା ଅନୁଯାୟୀ  ଦୀର୍ଘ ଦିନ ଧରି ଚାଲିଥିବା ଦୁର୍ନୀତି ମାମଲାର ଏକ ଅଂଶ ଭାବରେ ଗତକାଲି ରାଜ୍ୟ ସୀମା ପାର ହେଉଥିବା ସମୟରେ  ପୂର୍ବତନ ମନ୍ତ୍ରୀଙ୍କୁ ଗିରଫ କରାଯାଇଛି । ସେଠାକାର  ଶକ୍ତି କ୍ଷେତ୍ରରେ  ବ୍ୟାପକ ଦୁର୍ନୀତି ଅଭିଯୋଗରେ ସେ ସରକାରରୁ ଗତବର୍ଷ  ଇସ୍ତଫା ଦେଇଥିଲେ ।

## ସ୍ପାଇସ୍ ରିଆକ୍ସନ

ଭାରତ ଏବଂ ଆମେରିକା ମଧ୍ୟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମାକୁ ଦେଶର ମସଲା କ୍ଷେତ୍ର ପ୍ରଶଂସା କରିଛି। ଆକାଶବାଣୀ ସମ୍ବାଦ ସହିତ ଆଲୋଚନା ସମୟରେ ଫେଡେରେସନ ଅଫ୍ ଇଣ୍ଡିଆନ୍ ସ୍ପାଇସ୍ ଷ୍ଟେକହୋଲ୍‌ଡର୍ସର ଅଧ୍ୟକ୍ଷ ତେଜସ୍ ଗାନ୍ଧୀ କହିଛନ୍ତି  ଏହି ଚୁକ୍ତି ବଜାର ପ୍ରତିଯୋଗିତା ବୃଦ୍ଧି କରିବାର ନୂତନ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଶ୍ରୀ ଗାନ୍ଧୀ ଆହୁରି ମଧ୍ୟ କହିଛନ୍ତି ଯେ ଶୁଳ୍କ ହ୍ରାସ ଭାରତୀୟ ସାମଗ୍ରୀର ରପ୍ତାନିକୁ ବୃଦ୍ଧି କରିବ।

**V/O (Tejash Gandhi)**

## ଇସ୍ରାଏଲ୍-ଲେବାନନ୍ ଷ୍ଟ୍ରାଇକ୍

ଲେବାନନର ସିରିଆ ସୀମା ନିକଟରେ ଇସ୍ରାଏଲୀ ବିମାନ ଆକ୍ରମଣରେ ଚାରି ଜଣ ପ୍ରାଣ ହରାଇଛନ୍ତି । ଯୁଦ୍ଧବିରାମ  ଘୋଷଣା ହେବା ସତ୍ତ୍ୱେ ଇସ୍ରାଏଲ ଆକ୍ରମଣ କରିଛି । ଲେବାନନର ଜାତୀୟ ସମାଚାର ସଂସ୍ଥା ଅନୁଯାୟୀ, ଗତକାଲି ରାତିରେ ଲେବାନନ-ସିରିଆ ସୀମା ନିକଟବର୍ତ୍ତୀ ମଜଦାଲ ଅଞ୍ଜାର ଅଞ୍ଚଳରେ ଏକ ଇସ୍ରାଏଲୀ ଡ୍ରୋନ୍ ଗୋଟିଏ କାର ଉପରେ ଆକ୍ରମଣ କରିଥିଲା।

## ରିଜିଜୁ

ଦେଶର ସୀମାନ୍ତ ଅଞ୍ଚଳରେ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଗତକାଲି ଅରୁଣାଚଳ ପ୍ରଦେଶର ତୱାଙ୍ଗ ଜିଲ୍ଲାର ଲୁଙ୍ଗଲା ଉପଖଣ୍ଡର ମୁୟୋରେ ଏକ ନବନିର୍ମିତ ବହୁମୁଖୀ ଇଣ୍ଡୋର ହଲ୍ ତଥା ଭଲିବଲ୍ ଷ୍ଟାଡିୟମର ଉଦଘାଟନ କରିଛନ୍ତି। ସରକାରଙ୍କ ଖେଲୋ ଇଣ୍ଡିଆ ପଦକ୍ଷେପ ଅଧୀନରେ ବିକଶିତ ଏହି ଷ୍ଟାଡିୟମ ଆଧୁନିକ ତାଲିମ ସୁବିଧା ପ୍ରଦାନ କରିବ ।

---

## ଶ୍ରୀଲଙ୍କା-ଲୟର୍ସ

କଲମ୍ବୋରେ ଜଣେ ଓକିଲ ଏବଂ ତାଙ୍କ ପତ୍ନୀଙ୍କ ଉପରେ ହୋଇଥିବା ଗୁଳିମାଡ଼ ପ୍ରତିବାଦରେ ଶ୍ରୀଲଙ୍କା ବାର ଆସୋସିଏସନର ସଦସ୍ୟମାନେ ଦେଶବ୍ୟାପୀ କୋର୍ଟରେ ହାଜର ହେବାରୁ ନିବୃତ୍ତ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ବାର୍ ଆସୋସିଏସନ୍ ସଭାପତି ରାଜୀବ ଅମରସୁରିଆ କହିଛନ୍ତି ଆକ୍ରମଣର ପ୍ରଭାବ ଉପରେ ବ୍ୟାପକ ଆଲୋଚନା ପରେ ଏକ ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଆସୋସିଏସନ ଚାରୋଟି ପ୍ରସ୍ତାବ ଗ୍ରହଣ କରିବା ସହ ଅପରାଧୀଙ୍କୁ ଶୀଘ୍ର ଗିରଫ କରିବା ଲାଗି ଦାବି କରିଛି ।

---

## ଟି-୨୦

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ପ୍ରଥମ ମ୍ୟାଚ୍ ଆଫଗାନିସ୍ତାନ ଏବଂ ୟୁଏଇ ମଧ୍ୟରେ ଜାରି ରହିଛି । ଦିଲ୍ଲୀର ଅରୁଣଜେଟ୍‌ଲୀ ଷ୍ଟାଡିୟମରେ ଚାଲିଥିବା ଗ୍ରୁପ୍-ଡିର ଏହି ମ୍ୟାଚ୍‌ରେ

ପ୍ରଥମେ ବ୍ୟାଟିଂ କରି ୟୁଏଇ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ଓ୍ୱିକେଟ୍ ବିନିମୟରେ ୧୬୦ ରନ୍ ସ୍କୋର କରିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଆଫଗାନିସ୍ତାନ ୯ ଓଭର୍‌ରେ ୨ଟି ଓ୍ୱିକେଟ୍ ହରାଇ ୬୭ ରନ୍ ସ୍କୋର୍ କରିଛି ।

ଆଜି ଅପରାହ୍ନ ୩ଟାରେ କୋଲ୍‌କାତାରେ ଇଂଲଣ୍ଡ ଏବଂ ଇଟାଲି ଓ ସନ୍ଧ୍ୟା ୭ଟାରେ ପାଲ୍‌କେଲ୍‌ଠାରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

........................................................................................